# କଟକର ସାଂସ୍କୃତିକ ଅନୁଷ୍ଠାନ ଓ ସଂସ୍କୃତି ବିହାର

• ଅଭୟ ଚରଣ ଭଟ୍ଟାଚାର୍ଯ୍ୟ

ସାହିତ୍ୟ ଓ ସଂସ୍କୃତି ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆମ ଓଡ଼ିଶାରେ ସାହିତ୍ୟ ଓ ସଂସ୍କୃତିର ବିକାଶ ପଞ୍ଚଦଶ ଶତାବ୍ଦୀ ଠାରୁ ଆରମ୍ଭ ହୋଇଛି । ମାତ୍ର ଯାବନୀକ ଓ ବିଦେଶୀମାନଙ୍କ ଦ୍ୱାରା ଦୀର୍ଘ କାଳ ପରାଧିନ ରହି ଏହାର ବିକାଶ ଆଶାନୁରୂପ ଭାବେ ହୋଇ ପାରି ନାହିଁ ।

୧୫୬୮ ରୁ ୧୭୫୦ ପର୍ଯ୍ୟନ୍ତ ଆଫ୍‌ଗାନ୍-ମୋଗଲ୍ ଶାସନ କାଳରେ ସାହିତ୍ୟ ଓ ସଂସ୍କୃତିର ସେପରି କିଛି ଉନ୍ନତି ହୋଇ ନଥିଲା । ଏହି ସମୟରେ ଓଡ଼ିଶାରେ ପାଲା, ମୋଗଲ ତାମସା, ଯାତ୍ରା, ରାସଲୀଳା ଓ କୃଷ୍ଣଲୀଳା ପ୍ରଭୃତି ମନୋରଞ୍ଜନର ମାଧ୍ୟମ ହୋଇଥିଲା । ୧୭୫୦ ରୁ ୧୮୦୩ ପର୍ଯ୍ୟନ୍ତ ମରହଟ୍ଟା ଶାସନରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଉପରେ ଏହାର କୌଣସି ପ୍ରଭାବ ପଡ଼ି ନଥିଲା । ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିଥିଲେ । ଶିକ୍ଷା କ୍ଷେତ୍ରରେ ଏମାନଙ୍କର ଅବଦାନ ପ୍ରଶଂସନୀୟ ଥିଲା । ପ୍ରଥମ କରି ଓଡ଼ିଆମାନେ ସାହିତ୍ୟ ଓ ସଂସ୍କୃତିକୁ ସୀମିତ ନରଖି ବିସ୍ତୃତ କରିବାର ଉପାୟଟି ଏମାନଙ୍କ ଠାରୁ ଗ୍ରହଣ କରିଥିଲେ ଏବଂ ଯାହାର ରୂପ ପରିବହନ କରିଥିଲା ଅନୁଷ୍ଠାନ ବା ସଂଗଠନ ।

ସାହିତ୍ୟ ଓ ସଂସ୍କୃତିର ବିକାଶରେ ଏଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଫଳସ୍ୱରୂପ ଓଡ଼ିଶାରେ ଗଢ଼ିଉଠିଥିଲା ଅନେକ ଗୁଡ଼ିଏ ସଂଗଠନ - ଏଗୁଡ଼ିକ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଓ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶାର ସାଂସ୍କୃତିକ ରାଜଧାନୀ କଟକ ହିଁ ଥିଲା ଏହାର ଆଦ୍ୟ ପ୍ରାଣକେନ୍ଦ୍ର ।

ଊନବିଂଶ ଶତକରୁ ବିଂଶ ଶତକ ମଧ୍ୟରେ ସାହିତ୍ୟ ଓ ସଂସ୍କୃତିର ବିକାଶ ନିମନ୍ତେ ଐତିହ୍ୟ ସମ୍ପନ୍ନ କଟକ ସହର ମଧ୍ୟରେ ଗଢ଼ି ଉଠିଥିବା ବହୁ ଛୋଟ ବଡ଼ ଅନୁଷ୍ଠାନ ଗୁଡ଼ିକ ମଧ୍ୟରୁ କେବଳ କେତେକ ପ୍ରମୁଖ ସାଂସ୍କୃତିକ ଅନଷ୍ଠାନ ସମ୍ବନ୍ଧରେ ନିମ୍ନରେ ଆଲୋକପାତ କରାଯାଇଅଛି ।

**୧. ମ୍ୟାଗ୍ନେଟିକ୍ ଥିଏଟର :** କଟକ ସହରର ବାଲୁବଜାର ଛକରୁ ଗଣେଶଘାଟକୁ ଯାଇଥିବା ରାସ୍ତାରେ ବିଶ୍ୱନାଥ ମନ୍ଦିରକୁ ଲାଗି ଆଳି ରାଜାଙ୍କର ଯେଉଁ ପ୍ରକାଣ୍ଡ ପଡ଼ିଆ ଥିଲା, ସେହି ଠାରେ ୧୮୯୪ ମସିହାରେ ଗଢ଼ିଉଠିଥିଲା "ମ୍ୟାଗ୍ନେଟିକ୍ ଥିଏଟର" । ଜଣେ ସ୍ୱନାମଧନ୍ୟ ଚିତ୍ରଶିଳ୍ପୀ ସତୀଶ ଚନ୍ଦ୍ର ସରକାର (ନାଟୁବାବୁ) ଏହାର ପ୍ରତିଷ୍ଠାତା ଥିଲେ । ଓଡ଼ିଶା ତଥା କଟକର ପ୍ରଥମ ଥିଏଟର ଭାବରେ ଏଠାରେ ମୁଖ୍ୟତଃ ବଙ୍ଗଳା ପୌରାଣିକ ନାଟକ "ଧ୍ରୁବ", "ପ୍ରହଲ୍ଲାଦ", "ହରିଶ୍ଚନ୍ଦ୍ର", "ନରମେଧ ଯଜ୍ଞ", "ଅଭିମନ୍ୟୁ ବଧ", "ତରଣୀସେନ ବଧ" ପ୍ରଭୃତି ପରିବେଷଣ କରାଯାଉଥିଲା । ତେବେ ଏହି ଅନୁଷ୍ଠାନଟି ମାତ୍ର ତିନିବର୍ଷ ଅର୍ଥାତ୍ ୧୮୯୭ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା ।

**୨. ଉତ୍କଳ ସଂଗୀତ ସମାଜ :** ଓଡ଼ିଶୀ ଗୀତ ଓ ନୃତ୍ୟକୁ ପାଠ୍ୟକ୍ରମ ମାଧ୍ୟମରେ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଓଡ଼ିଶାର ପୁରପଲ୍ଲୀରେ ଲୋକପ୍ରିୟ କରାଇବା ଲକ୍ଷ୍ୟରେ ୧୯୩୩ ମସିହାରେ ରେଭେନ୍ସା କଲେଜର ସଂସ୍କୃତ ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚୌଧୁରୀ କଟକରେ ଉତ୍କଳ ସଂଗୀତ ସମାଜ ପ୍ରତିଷ୍ଠା କରିଥିଲେ ।

**୩. ଓଡ଼ିଶା ଥିଏଟର୍ସ :** ବିଶିଷ୍ଟ ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରେ ୧୯୩୯ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ବହୁ ନାଟକ ପରିବେଷଣ କରିବା ସହିତ ପ୍ରଥମ ସାମାଜିକ ନାଟକ ପରିବେଷଣ କରିବାର ଗୌରବର ଅଧିକାରୀ ହୋଇଥିଲେ ।

**୪. ନ୍ୟାସନାଲ୍ ମ୍ୟୁଜିକ୍ ଆସୋସିଏସନ୍ :** ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ୧୯୪୩ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ଭୂମିକା ଥିଲା ଅଗ୍ରଗଣ୍ୟ । 'One Set' ଡ୍ରାମା ପରିବେଷଣ କ୍ଷେତ୍ରରେ ଏହି ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ । ଏହି ଅନୁଷ୍ଠାନରେ ପରିବେଷିତ ପାଞ୍ଚୋଟି ପ୍ରସିଦ୍ଧ ନାଟକ "ମାଟିର ମଣିଷ", "ଅର୍ଦ୍ଧାଙ୍ଗିନୀ", "ବେଗମ୍ କୋଠୀ", "ଘର ଠାକୁର", "ମାଳଜାତକ" । ଏ

ମଧ୍ୟରୁ "ମାଳଜାତକ" ନାଟକଟି ସଂଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା ଏବଂ ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ନିମନ୍ତ୍ରିତ ହୋଇ ଏହି ଅନୁଷ୍ଠାନ ନୂଆ ଦିଲ୍ଲୀ ଓ ଅନ୍ୟାନ୍ୟ ରାଜ୍ୟରେ "ମାନିନୀ", "ଶରତ ରାସ", "ରାଧିକା", ଇତ୍ୟାଦି ନୃତ୍ୟ ନାଟିକା ମଞ୍ଚସ୍ଥ କରିଛି ।

**୫. ଅନ୍ନପୂର୍ଣ୍ଣା ଥିଏଟର :** ୧୯୪୩ ମସିହାରେ କଟକରେ ପ୍ରତିଷ୍ଠିତ ଅନ୍ନପୂର୍ଣ୍ଣା-ବି ଗ୍ରୁପ୍ ପେଷାଦାର ରଙ୍ଗମଞ୍ଚ ଭାବରେ ବହୁ ନାଟକ ପରିବେଷଣ କରି ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ବହୁ ନାଟ୍ୟକାର, ନିର୍ଦ୍ଦେଶକ ତଥା କଳାକାର ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

**୬. ପ୍ରଜାତନ୍ତ୍ର ପ୍ରଚାର ସମିତି ନାଟ୍ୟ ସଂସଦ :** ଉତ୍କଳ କେଶରୀ ଡଃ. ହରେକୃଷ୍ଣ ମହାତାବ୍‌ଙ୍କ ଉଦ୍ୟମରେ ପ୍ରତିଷ୍ଠିତ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ବହୁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରାଯିବା ସହ ଏହି ସମିତି ପକ୍ଷରୁ ଆୟୋଜିତ "ବିଷୁବ ମିଳନ" ଅବସରରେ ସମିତିର ସ୍ଥାୟୀ ରଙ୍ଗମଞ୍ଚରେ ପ୍ରଥମ କରି ୧୯୫୦ ମସିହାରେ "ବାସ୍ତବିକା" ନାଟକ ମଞ୍ଚସ୍ଥ କରାଯାଇଥିଲା । ଏହା ଛଡ଼ା ଏହି ମଞ୍ଚରେ ୧୯୫୩ ମସିହାରେ "ରୂପାନ୍ତର", ୧୯୫୪ରେ "ଗରିବ", ୧୯୫୫ରେ "ସମାଧାନ", ୧୯୫୭ରେ "ଉଲ୍‌କା", ୧୯୫୮ରେ "ଶାରଳା ଦାସ", ୧୯୫୯ରେ "ଛଦ୍ମବେଶୀ" ଇତ୍ୟାଦି ନାଟକ ମଞ୍ଚସ୍ଥ କରାଯାଇଥିଲା ।

**୭. କଳାବିକାଶ କେନ୍ଦ୍ର :** ଓଡ଼ିଶୀ ନୃତ୍ୟ ଓ ସଂଗୀତର ଲୁପ୍ତ ଗୌରବର ପୁନଃ ପ୍ରତିଷ୍ଠା କରିବା ସହ ସାଂସ୍କୃତିକ ପୁନଃର୍ଜାଗରଣର ଏକ ପ୍ରମୁଖ କେନ୍ଦ୍ର ଭାବରେ ୧୯୫୨ ମସିହା ଅଗଷ୍ଟ ୧୦ ତାରିଖରେ ସ୍ୱର୍ଗତ ବାବୁଲାଲ ଦୋଷୀଙ୍କର ଉଦ୍ୟମରେ କଟକରେ କଳାବିକାଶ କେନ୍ଦ୍ରର ପ୍ରତିଷ୍ଠା ହୋଇଥିଲା । ନୃତ୍ୟନାଟିକା ପ୍ରଚଳନର ସର୍ବପ୍ରଥମ ଉଦ୍ୟମ ସ୍ୱରୂପ ଏହି କେନ୍ଦ୍ର ପକ୍ଷରୁ ତା.୨୭.୦୮.୫୩ ରିଖରେ ଗୁରୁ କେଳୁ ଚରଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ "ରାସଲୀଳା" ଓ "କିଶୋରୀ କାହ୍ନୁ" ମଞ୍ଚସ୍ଥ କରାଯାଇଥିଲା । ଓଡ଼ିଶାରେ ପ୍ରଥମ କରି ଘୂର୍ଣ୍ଣାୟମାନ ମଞ୍ଚରେ ଏହି କେନ୍ଦ୍ର ପକ୍ଷରୁ "ତପସ୍ୱିନୀ" ମଞ୍ଚସ୍ଥ କରାଯାଇଥିଲା । ଏହି କେନ୍ଦ୍ର ପକ୍ଷରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ "ମୁଁ ନୁହେଁ", "ଈଶ୍ୱର ଜଣେ ଯୁବକ", "ମାଂସର ଫୁଲ", "ଚଇତି ଘୋଡ଼ା", "ଶୁକଶାରୀ କଥା", "ବହ୍ନିମାନ" ଇତ୍ୟାଦି କ୍ରମାଗତ ଭାବେ ମଞ୍ଚସ୍ଥ କରାଯାଇଥିଲା ।

**୮. କୁମାର ଉତ୍ସବ ସମିତି :** ଓଡ଼ିଶାରେ ସର୍ବପ୍ରଥମେ କୁମାର ପୂର୍ଣ୍ଣିମାକୁ କେନ୍ଦ୍ର କରି କଟକ ଠାରେ ଏହି ସମିତି ତାର କୁମାର ଉତ୍ସବ ୧୯୫୨ ମସିହାରୁ ମହାସମାରୋହରେ ପାଳନ କରିଆସୁଅଛି । ଏହି ଅବସରରେ ସମିତି ପକ୍ଷରୁ "କୋଣାର୍କ", "ଜାଗରଣ", "ଉର୍ବଶୀ", "ପଞ୍ଚପୂର୍ଣ୍ଣିମା", "ଶକ୍ତି ପର୍ବ", "କୃଷ୍ଣ ଲୀଳା", "ମହାଶକ୍ତି", "ମହାଭାରତ", "ଆମ୍ରପଲ୍ଲୀ" ଇତ୍ୟାଦି ବହୁ ନୃତ୍ୟନାଟିକା ମଞ୍ଚସ୍ଥ କରାଯାଇଅଛି ।

**୯. ଜନତା ଥିଏଟର :** ୧୯୫୩ ମସିହାରେ ପ୍ରତିଷ୍ଠିତ ଜନତା ଥିଏଟର ପ୍ରଥମ ରେଜିଷ୍ଟ୍ରିଭୁକ୍ତ ପେଷାଦାର ରଙ୍ଗମଞ୍ଚ ଭାବେ ସ୍ୱୀକୃତି ପାଇ ବହୁ ନାଟକ ମଞ୍ଚସ୍ଥ କରି ଚହଳ ସୃଷ୍ଟି କରିଥିଲା ।

**୧୦. ଉତ୍କଳ ସ୍ମୃତି କଳା ମଣ୍ଡପ :** ପୂର୍ବାଞ୍ଚଳ କଟକରେ ୧୯୫୫ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ସଙ୍ଗୀତ, ନୃତ୍ୟ, ଲୋକନୃତ୍ୟ ଓ ଲୋକ ସଙ୍ଗୀତ ଇତ୍ୟାଦି ଶିକ୍ଷାଦାନ କରିବା ସହ ନୃତ୍ୟ, ସଙ୍ଗୀତ, ନୃତ୍ୟନାଟିକା ଇତ୍ୟାଦି ପରିବେଷଣରେ ଓଡ଼ିଶା ତଥା ଓଡ଼ିଶା ବାହାରେ ଖ୍ୟାତି ଅର୍ଜନ କରିଥିଲା ।

**୧୧. କଳାଶ୍ରୀ ଥିଏଟର :** ୧୯୬୬ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଅନେକ ଉପନ୍ୟାସକୁ ନାଟ୍ୟରୂପ ପ୍ରଦାନରେ ବିଶେଷ ଭୂମିକା ଗ୍ରହଣ କରିବା ସହ ପେଷାଦାର ରଙ୍ଗମଞ୍ଚ ଭାବରେ ପ୍ରତିଷ୍ଠା ଅର୍ଜନ କରିପାରିଥିଲା ।

**୧୨. କଳାତୀର୍ଥ :** ୧୯୭୧ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ନବନାଟ୍ୟ ଆନ୍ଦୋଳନର ସୂତ୍ରପାତର ପ୍ରାକ୍ କାଳରେ ସୌଖିନ ନାଟ୍ୟ ଜଗତରେ ନୂତନ ଆଲୋଡ଼ନ ସୃଷ୍ଟି କରିଥିଲା । ବିଶିଷ୍ଟ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ

ପକ୍ଷରୁ ତାଙ୍କ ରଚିତ ନାଟକ "ଜୀବନ ଯଜ୍ଞ", "ସ୍ୱର୍ଗଦ୍ୱାର", "ଜଉଘର", "ତୃତୀୟ ପୃଥିବୀ", ଇତ୍ୟାଦି ମଞ୍ଚସ୍ଥ କରି ଚହଳ ସୃଷ୍ଟି କରିଥିଲା ।

**୧୩. ଉତ୍କଳ ଯୁବ ସାଂସ୍କୃତିକ ସଂଘ :** କିଛି ବର୍ଷ ପରେ "କାଳତୀର୍ଥ"ର ସାଂସ୍କୃତିକ ପ୍ରୟାସ ଧିମେଇ ଯିବାରୁ ୧୯୮୫ ମସିହାରେ ଉତ୍କଳ ଯୁବ ସାଂସ୍କୃତିକ ସଂଘ ପ୍ରତିଷ୍ଠା କରାଯିବା ସହ ୧୯୯୩ ମସିହାରୁ ପ୍ରତିବର୍ଷ କଟକ ଠାରେ ପୃଥିବୀର ସର୍ବବୃହତ ନାଟକ ଓ ନୃତ୍ୟୋତ୍ସବ "ଇଣ୍ଡିଆନ୍ ଥିଏଟର ଅଲମ୍ପିୟାଡ୍" ନାମରେ ଅନୁଷ୍ଠିତ ହୋଇ ଆସୁଅଛି । ଏଗୁଡ଼ିକ ବ୍ୟତୀତ ଏହି ସମୟ ମଧ୍ୟରେ ବହୁ ଛୋଟ ବଡ଼ ସାଂସ୍କୃତିକ ଅନୁଷ୍ଠାନ କଟକ ସହର ମଧ୍ୟରେ ଗଢ଼ି ଉଠି ଓଡ଼ିଆ ସଂସ୍କୃତିକୁ ବଳିଷ୍ଠ କରିବାରେ ସହାୟକ ହୋଇପାରିଛନ୍ତି ।

**୧୪. ସଂସ୍କୃତି ବିହାର :** ଏହି କ୍ରମରେ କଟକ ସହରର ବୁଢ଼ି ଠାକୁରାଣୀ ଠାରେ ଗତ ୧୯୬୩ ମସିହାରେ କେତେକ ଉତ୍ସାହୀ ଯୁବକଙ୍କ ଉଦ୍ୟମରେ ପ୍ରତିଷ୍ଠିତ "ସଂସ୍କୃତି ବିହାର" ବିଗତ ଅର୍ଦ୍ଧ ଶତାବ୍ଦୀ ଧରି ଏହାର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜକୁ ପ୍ରତିଷ୍ଠିତ କରାଇବା ସହ ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ କରୁଥିବା ନିଶ୍ଚିତ ଭାବରେ ଗର୍ବ ଓ ଗୌରବର ବିଷୟ । ପ୍ରାଥମିକ ଅବସ୍ଥାରେ ଅନୁଷ୍ଠାନର କଳାକାର ଓ ଶିଳ୍ପୀମାନେ ଲୋକସଂଗୀତ ଓ ନୃତ୍ୟ ନାଟିକା ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରି ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲେ । ଏହି ଅନୁଷ୍ଠାନର ନୃତ୍ୟନାଟିକା "ଇନ୍ଦୁମତୀ", "ମାଟି" ଏବଂ ଐତିହାସିକ ନାଟକ "ରାଣା ପ୍ରତାପ" ଦର୍ଶକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲା ।

ପରବର୍ତ୍ତୀ ସମୟରେ ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟଗୁଡ଼ିକ ଦ୍ୱାରା ଅନୁପ୍ରାଣୀତ ହୋଇ ଏହାକୁ ଆଧୁନିକ ରୂପ ପ୍ରଦାନ ପୂର୍ବକ ୧୯୬୬ ମସିହାରେ ଏକ ନୂତନ ଶୈଳୀରେ ମୁକ୍ତ ମଞ୍ଚରେ ଗଡ଼ଖାଇ ପରିବେଷ୍ଟିତ ବାରବାଟୀ ଦୁର୍ଗର ପାଦ ଦେଶରେ ଏକ ବିରାଟ ପ୍ରେକ୍ଷାପଟରେ ପ୍ରତିବର୍ଷ ଗଣକବିଙ୍କର ଗୀତିନାଟ୍ୟଗୁଡ଼ିକୁ ଐତିହାସିକ ବାଲିଯାତ୍ରା ମହୋତ୍ସବ ଅବସରରେ ମଞ୍ଚସ୍ଥ କରି ଦର୍ଶକୀୟ ସ୍ୱୀକୃତି ଲାଭ କରିବା ସହ ଏହି ମହୋତ୍ସବକୁ ଏକ ନୂତନ ମହକ – ନୂତନ ଆକର୍ଷଣରେ ଆକର୍ଷଣୀୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ପାରିଥିଲା ।

ଏହାଛଡ଼ା ବିଗତ ବର୍ଷଗୁଡ଼ିକ ମଧ୍ୟରେ ଏହି ଅନୁଷ୍ଠାନର ସୌଖିନ କଳାକାରମାନେ କଟକ, ଭୁବନେଶ୍ୱର, ଖୋର୍ଦ୍ଧାଗଡ଼, କୋଣାର୍କ, ପୁରୀ, ହାଜୀପୁର, ଜଗତସିଂହପୁର, ଅନୁଗୁଳ, ରାଉରକେଲା, ବାଲେଶ୍ୱର, ଦିଲ୍ଲୀ, ଦେହରାଦୁନ୍, ଆସାମ୍, ବାଙ୍ଗାଲୋର୍, ବନାରସ୍, ନାଗପୁର, ହାଇଦ୍ରାବାଦ, ପଣ୍ଡିଚେରୀ, ଇନ୍ଦୋର, ଖଡ଼ଗପୁର, ସୁରାଟ, ଦୁର୍ଗାପୁର, ଜାମସେଦପୁର, ବିଶାଖାପାଟନମ୍, ଇଚ୍ଛାପୁରମ୍, ବୋକାରୋ ପ୍ରଭୃତି ବିଭିନ୍ନ ସ୍ଥାନରେ ଗଣକବିଙ୍କର ଗୀତିନାଟ୍ୟଗୁଡ଼ିକୁ ମଞ୍ଚସ୍ଥ କରି ଅପୂର୍ବ ସଫଳତା ଲାଭ କରିବା ସହ ଗଣକବିଙ୍କର କୃତୀଗୁଡ଼ିକର ପ୍ରଚାର ଓ ପ୍ରସାର କରିବା ଦିଗରେ ଉଦ୍ୟମ ଜାରୀ ରଖିଛନ୍ତି । ଦୂରଦର୍ଶନ ଓ ଆକାଶବାଣୀରେ ମଧ୍ୟ ଏହି ଅନୁଷ୍ଠାନ ପକ୍ଷରୁ ଗୀତିନାଟ୍ୟ ପରିବେଷଣ କରାଯାଇଅଛି । ଏଥି ସହିତ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଗୀତିକାର, ସଙ୍ଗୀତକାର, କଣ୍ଠଶିଳ୍ପୀ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ଫକୀର ମୋହନଙ୍କ "ପେଟେଣ୍ଟ ମେଡ଼ିସିନ୍" ଗଳ୍ପର ଗୀତିନାଟ୍ୟ ରୂପାନ୍ତର ପରିବେଷଣ ଏହି ଅନୁଷ୍ଠାନର ଅନ୍ୟତମ ଆକର୍ଷଣ ।

ଓଡ଼ିଆ ସଂସ୍କୃତିକୁ ପ୍ରାଣବନ୍ତ କରିବା ଦିଗରେ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରର ବହୁ ଛୋଟ ବଡ଼ ଅନୁଷ୍ଠାନର କାର୍ଯ୍ୟକ୍ରମ ଓ ଭୂମିକା ମଧ୍ୟରେ "ରାମାୟଣ" ରେ ବିରାଟ ସେତୁବନ୍ଧ ନିର୍ମାଣ ସମୟରେ ଗୁଣ୍ଡୁଚି ମୂଷାର ଅବଦାନ ଯେପରି ଉଲ୍ଲେଖଯୋଗ୍ୟ ଠିକ୍ ସେହିପରି ଓଡ଼ିଆ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ଦିଗରେ ବିଗତ ପଚାଶ ବର୍ଷ ଧରି ସଂସ୍କୃତି ବିହାର ଯେଉଁ ନିରନ୍ତର ଉଦ୍ୟମ କରିଆସିଛି ସେଥିପାଇଁ ଏହାର କର୍ମକର୍ତ୍ତା ଓ ସଭ୍ୟମାନେ ନିଶ୍ଚିତ ଭାବରେ ପ୍ରଶଂସାର୍ହ । ଚଳିତ ବର୍ଷ ଏହି ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ଅବସରରେ ସେମାନଙ୍କର ଏହି ଉଦ୍ୟମ ଆଗାମୀ ଦିନରେ ଆହୁରି ସରସ ଓ ସୁନ୍ଦର ହେବା ସହ ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ପ୍ରେରଣାର ଉତ୍ସ ହେବ ବୋଲି ଆଶା ଓ ବିଶ୍ୱାସ ।

*କାଜିବଜାର, କଟକ*